# NATIONAL NEWS BULLETIN (ODIA)

## 21 March - 2025

## Morning Bulletin : 7.15 a.m.

************************************

## ମୁଖ୍ୟ ସମ୍ବାଦ

- ପ୍ରତିରକ୍ଷା ବାହିନୀ ପାଇଁ ୫୪ ହଜାର କୋଟିରୁ ଅଧିକ ଟଙ୍କାର ଅସ୍ତ୍ରଶସ୍ତ୍ର କ୍ରୟ ପ୍ରସ୍ତାବକୁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦର ମଞ୍ଜୁରୀ ।
- ନକ୍ସଲଙ୍କ ବିରୋଧରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରୁଛନ୍ତି କେନ୍ଦ୍ର ସରକାର, କହିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଦେଶରେ ଉଦ୍ଭାବନକୁ ପ୍ରୋତ୍ସାହିତ କରୁଛନ୍ତି – ଶିକ୍ଷାବିତ୍, ଷ୍ଟାର୍ଟଅପ୍, ଛାତ୍ରଛାତ୍ରୀ ଓ ଗବେଷକ, କହିଲେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ।
- କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନରେ ସାମିଲ ହେଲେ ୮ ଲକ୍ଷରୁ ଅଧିକ ନୂଆ ସଦସ୍ୟ ।

ଏବଂ

- କ୍ରୀଡ଼ାବିତ୍‌ମାନଙ୍କ ପାଇଁ ସମନ୍ୱିତ ମଞ୍ଚରେ ପରିଣତ ହୋଇଛି ଖେଲୋ ଇଣ୍ଡିଆ, କହିଛନ୍ତି କେନ୍ଦ୍ର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ।

## ଡିଫେନ୍ସ

ଦେଶର ପ୍ରତିରକ୍ଷା ବାହିନୀ ପାଇଁ ୫୪ ହଜାର କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ମଞ୍ଜୁରୀ ପ୍ରଦାନ କରିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟି-ନାଇଣ୍ଟି ଟ୍ୟାଙ୍କ୍ ପାଇଁ ୧ହଜାର ୩୫୦ ହର୍ଷ ପାୱାର୍ ବିଶିଷ୍ଟ ଇଞ୍ଜିନ୍ କ୍ରୟ ସମେତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କିଣିବା ସମ୍ପର୍କିତ ପ୍ରସ୍ତାବ ଅନୁମୋଦନ ଲାଭ କରିଛି ।

ସୂଚନା ଅନୁଯାୟୀ ଭାରତୀୟ ସେନା ପାଇଁ ଟି-ନାଇଣ୍ଟି ଟ୍ୟାଙ୍କ୍‌ରେ ୧ ହଜାର ବଦଳରେ ୧ହଜାର ୩୫୦ ହର୍ଷ ପାୱାର୍‌ର ଇଞ୍ଜିନ୍ ବ୍ୟବହାର କରାଯିବ । ସେହିପରି ବରୁଣାସ୍ତ୍ର ଟର୍ପେଡୋ କ୍ରୟ କରାଯିବ । ଏହା ଶତ୍ରୁ ପକ୍ଷଙ୍କ ବୁଡ଼ା ଜାହାଜକୁ ଠାବ କରିବା ସହ ନୌସେନାର ସାମର୍ଥ୍ୟ ବୃଦ୍ଧି କରିବ ।

## ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ନରେନ୍ଦ୍ର ମୋଦୀ ସରକାର ନକ୍ସଲଙ୍କ ବିରୋଧରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଶ୍ରୀ ଶାହା

କହିଛନ୍ତି, ସମସ୍ତ ସୁବିଧା ପ୍ରଦାନ କରାଯିବା ସତ୍ତ୍ୱେ ଆତ୍ମସମର୍ପଣ କରୁନଥିବା ଉଗ୍ରବାଦୀଙ୍କ ବିରୋଧରେ ସରକାର ଶୂନ୍ୟସହନଶୀଳତା ନୀତି ଗ୍ରହଣ କରୁଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଆଜି ଦେଶର ସୈନିକମାନେ ନକ୍ସଲମୁକ୍ତ ଭାରତ ଅଭିଯାନ ଦିଗରେ ଆଉ ଏକ ବଡ଼ ସଫଳତା  ହାସଲ କରିଛନ୍ତି । ଆସନ୍ତା ବର୍ଷ ମାର୍ଚ୍ଚ ମାସ ୩୧ ତାରିଖ ସୁଦ୍ଧା ଦେଶ ନକ୍ସଲମୁକ୍ତ ହେବାର ଲକ୍ଷ୍ୟ ରଖିଛି ବୋଲି ସେ କହିଛନ୍ତି ।

## ଛତିଶଗଡ଼-ଏନ୍‌କାଉଣ୍ଟର

ଛତିଶଗଡ଼ରେ ଦୁଇଟି ପୃଥକ ପୃଥକ ଗୁଳି ବିନିମୟରେ ୩୦ ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଛି । ବିଜାପୁର ଜିଲ୍ଲାର ବସ୍ତର ଡିଭିଜନ୍ ଜଙ୍ଗଲରେ ମାଓବାଦୀମାନଙ୍କ ଉପସ୍ଥିତି ଗୁଇନ୍ଦା ସୂତ୍ରରୁ ସୂଚନା ପାଇ ସୁରକ୍ଷା ବାହିନୀ ଏବଂ ପୁଲିସ୍ ବାହିନୀ ମିଳିତ ଅଭିଯାନ ଆରମ୍ଭ କରିଥିଲେ । ମିଳିତ ବାହିନୀ ପକ୍ଷରୁ ଗାଙ୍ଗାଲୁରୁ ଅଞ୍ଚଳରେ କୁମ୍ବି ଅପରେସନ୍ କରାଯାଉଥିବା ସମୟରେ ସେମାନଙ୍କର ମାଓବାଦୀମାନଙ୍କ ସହ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଏହି ଅଭିଯାନରେ ଜିଲ୍ଲା

ସଂରକ୍ଷିତ ବାହିନୀର ଜଣେ ଯବାନ ସହିଦ ହୋଇଥିଲେ । ତେବେ ଘଟଣା ସ୍ଥଳରୁ ୨୬ ଜଣ ମାଓବାଦୀଙ୍କ ମୃତ ଦେହ ଉଦ୍ଧାର କରାଯିବା ସହ ବିପୁଳ ପରିମାଣର ସ୍ୱୟଂଚାଳିତ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ସାମଗ୍ରୀ ସୁରକ୍ଷା ବାହିନୀ ପକ୍ଷରୁ ଜବତ କରାଯାଇଛି । ସେହି ଅଞ୍ଚଳରେ ପୁଲିସ୍ ପକ୍ଷରୁ କୁମ୍ବି ଅପରେସନ୍ ଜାରି ରହିଛି । ଛତିଶଗଡ଼ର କଙ୍କର ଜିଲ୍ଲା ଅଞ୍ଚଳରେ ଅନ୍ୟ ଏକ ଅଭିଯାନରେ ଗୁଳି ବିନିମୟ ଘଟି ୪ଜଣ ମାଓବାଦୀ  ପ୍ରାଣ ହରାଇଛନ୍ତି ।

## ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ସେବା କ୍ଷେତ୍ରରେ ଭାରତର ପ୍ରଦର୍ଶନ ଭଲ ରହିଛି ଏବଂ ଏବେ ଏହା ଏକ ଉତ୍ପାଦ ରାଷ୍ଟ୍ର ହେବା ପାଇଁ ପ୍ରୟାସ କରିବା ଆବଶ୍ୟକ । ନୂଆଦିଲ୍ଲୀରେ ଆୟୋଜିତ ଇଣ୍ଡିଆନ୍ ୱେବ୍ ବ୍ରାଉଜର୍ ଡେଭଲପ୍‌ମେଣ୍ଟ ଚ୍ୟାଲେଞ୍ଜ ଏବଂ ଚିପ୍ସ ଟୁ ଷ୍ଟାର୍ଟଅପ୍ ପ୍ରୋଗ୍ରାମ୍ ପୁରସ୍କାର ସମାରୋହରେ ଯୋଗଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶରେ ଶିକ୍ଷାବିତ୍, ଷ୍ଟାର୍ଟଅପ୍, ଛାତ୍ରଛାତ୍ରୀ ଏବଂ ଗବେଷକମାନେ ଏକାଠି ହୋଇ ଉଦ୍ଭାବନକୁ ପ୍ରୋତ୍ସାହିତ

କରୁଛନ୍ତି । ସେ କହିଛନ୍ତି, ଭାରତର ନିଜସ୍ୱ ବ୍ରାଉଜର୍ ତଥ୍ୟଗତ ସୁରକ୍ଷା ସହ ସବୁ ପ୍ରକାର ପ୍ଲାଟ୍‌ଫର୍ମ ପାଇଁ ସୁ-ସଂଗତ ହେବ ।

## ଜୁଏଲ୍ ଓରାମ୍

ଅନୁସୂଚୀତ ଜନଜାତିଙ୍କ ମଧ୍ୟରେ ସାକ୍ଷରତା ହାର ବୃଦ୍ଧି ପାଇଁ କେନ୍ଦ୍ର ସରକାର ଅନେକ ଗୁଡ଼ିଏ ଯୋଜନା କାର୍ଯ୍ୟକାରି କରୁଛନ୍ତି । ଗତକାଲି ଲୋକସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ କହିଛନ୍ତି, ସାମଗ୍ରୀକ ଜନସଂଖ୍ୟା ତୁଳନାରେ ଅନୁସୂଚୀତ ଜନଜାତିଙ୍କ ସାକ୍ଷରତା ହାର କମ୍ ରହିଛି । ସେ କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ସାକ୍ଷରତାରେ ଉନ୍ନତି ଘଟିଛି ଏବଂ ସାକ୍ଷରତା ଜନିତ ବ୍ୟବଧାନ ହ୍ରାସ ପାଉଛି । ବିଦ୍ୟାଳୟ ଶିକ୍ଷାର ସମସ୍ତ ସ୍ତରରେ ଲିଙ୍ଗଗତ ଓ ସାମାଜିକ ବ୍ୟବଧାନକୁ ଦୂର କରିବା ପାଇଁ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ୨୦୧୮-୧୯ ମସିହାରେ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟ କରୁଛି । ସେ କହିଛନ୍ତି, ଏହି ଯୋଜନାରେ ନାମଲେଖା, କ୍ରମାଗତ ଶିକ୍ଷାଦାନ ଓ ଲିଙ୍ଗଗତ ସମାନତାରେ ପ୍ରତିକୂଳ ପ୍ରଦର୍ଶନ ଆଧାରରେ ସ୍ୱତନ୍ତ୍ର ଫୋକସ୍ ଜିଲ୍ଲା ଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଉଛି ।

## ଏନ୍‌ଏଚ୍‌ଏଆଇ

ଟୋଲ୍ ପ୍ଲାଜାରେ ଦେୟ ଆଦାୟରେ ଅନିୟମିତତା ଅଭିଯୋଗରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ୧୪ଟି ଶୁଳ୍କ ଆଦାୟକାରୀ ସଂସ୍ଥାକୁ ନିଷିଦ୍ଧ କରିଛନ୍ତି । କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଚୁକ୍ତି ବ୍ୟବସ୍ଥା ଉଲ୍ଲଙ୍ଘନ କରିଥିବାରୁ ୧୪ଟି ସଂସ୍ଥାକୁ ଦୁଇ ବର୍ଷ ପାଇଁ ନିଷିଦ୍ଧ କରାଯାଇଛି । ଏହାଛଡ଼ା ଚୁକ୍ତି ଖିଲାପ କରିଥିବା ସଂସ୍ଥା ଗୁଡ଼ିକ ଠାରୁ ୧୦୦ କୋଟିରୁ ଅଧିକ ଟଙ୍କାର ସ୍କ୍ୱିକ୍ୟୁରିଟି ଜମା ଜବତ କରାଯାଇଛି । ପୂର୍ବରୁ ନିଷିଦ୍ଧ ଏଜେନ୍ସି ଗୁଡ଼ିକ ଦ୍ୱାରା ପରିଚାଳିତ ଟୋଲ୍‌ପ୍ଲାଜା ଗୁଡ଼ିକର ସୁ-ପରିଚାଳନା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନୂଆ ସଂସ୍ଥାକୁ ଦେୟ ଆଦାୟ ପାଇଁ ଦାୟିତ୍ୱ ଦେବେ ବୋଲି ଜଣାପଡ଼ିଛି ।

## ଇପିଏଫ୍‌ଓ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ – ଇ.ପି.ଏଫ୍.ଓ.ରେ ଚଳିତ ବର୍ଷ ଜାନୁଆରୀ ମାସରେ ୧୭ ଲକ୍ଷ ୮୯ ହଜାର ସଦସ୍ୟ ସାମିଲ ହୋଇଛନ୍ତି । ୨୦୨୪ ଡିସେମ୍ବର ତୁଳନାରେ ସଦସ୍ୟଙ୍କ ସଂଖ୍ୟା ୧୧ ଦଶମିକ୍ ୪/୮ ପ୍ରତିଶତ ବୃଦ୍ଧି ଘଟିଛି । ଇ.ପି.ଏଫ୍.ଓ. ଅନୁଯାୟୀ ଚଳିତ

ବର୍ଷ ଜାନୁଆରୀରେ ପ୍ରାୟ ୮ ଲକ୍ଷ ୨୩ ହଜାର ନୂଆ ସଦସ୍ୟ ସାମିଲ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୨ ଲକ୍ଷ ୧୭ ହଜାର ମହିଳା ସଦସ୍ୟ ରହିଛନ୍ତି ।

## ଲୋକସଭା-ଫାରମର୍

ଦେଶରେ ୫ଲକ୍ଷରୁ ଅଧିକ କୃଷକଙ୍କୁ ଲାଭ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ର ସହ ଜଡ଼ିତ ୧ ହଜାର ୧୦୦ରୁ ଅଧିକ ଭିତ୍ତିଭୂମି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ଲୋକସଭାରେ ଏକ ଲିଖିତ ଉତ୍ତରରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ରବନିତ ସିଂହ କହିଛନ୍ତି, ଏହି ଯୋଜନା ଗୁଡ଼ିକ ମଧ୍ୟରେ ପ୍ରଧାନମନ୍ତ୍ରୀ କିଶାନ୍ ସମ୍ପଦ ଯୋଜନା, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପାଇଁ ପ୍ରୋତ୍ସାହନ ଯୋଜନା ଏବଂ କେନ୍ଦ୍ରୀୟ ପ୍ରାୟୋଜିତ କ୍ଷୁଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ଯୋଜନା ରହିଛି । ସେ କହିଛନ୍ତି, ମନ୍ତ୍ରଣାଳୟ ପକ୍ଷରୁ ୪୬ ହଜାର କୋଟି ଟଙ୍କାରୁ ଅଧିକ ବ୍ୟୟରେ ୪୧ ଟି ମେଗା ଫୁଡ୍ ପାର୍କକୁ ଅନୁମୋଦନ କରାଯାଇଛି ।

# ଖେଲୋ ଇଣ୍ଡିଆ-ପାରାଗେମ୍ସ

କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ କହିଛନ୍ତି, ଖେଲୋ ଇଣ୍ଡିଆ ପାରା ଗେମ୍ସ କ୍ରୀଡ଼ାବିତ୍‌ମାନଙ୍କୁ ଶ୍ରେଷ୍ଠ ସୁଯୋଗ ପ୍ରଦାନ କରୁଛି ଏବଂ ସେମାନଙ୍କୁ ସଫଳତାର ମାର୍ଗ ତିଆରି କରିବାରେ ସହାୟତା କରୁଛି ।

**V/O**

ଗତକାଲି ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧି ଇଣ୍ଡୋର ଷ୍ଟାଡିୟମ୍‌ରେ ଖେଲୋ ଇଣ୍ଡିଆ ପାରା ଗେମ୍ସ ୨୦୨୫ର ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଦେଶ ପାଇଁ ଗୌରବ ଆଣିବା ନିମନ୍ତେ ପ୍ରୟାସ କରୁଥିବା କ୍ରୀଡ଼ାବିତ୍‌ମାନଙ୍କ ପାଇଁ ଖେଲୋ ଇଣ୍ଡିଆ ଏକ ସମନ୍ୱିତ ମଞ୍ଚରେ ପରିଣତ ହୋଇଛି ।

**V/O**

କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତି କରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଏବଂ ଅରୁଣାଚଳ ପ୍ରଦେଶର କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ କେଣ୍ଟୋ ଜିନି, ଭାରତୀୟ ପାରା ଅଲିମ୍ପିକ୍ସ କମିଟିର ଅଧ୍ୟକ୍ଷ ଦେବେନ୍ଦ୍ର ଝାଝରିଆ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଡକ୍ଟର ମାଣ୍ଡବ୍ୟ ଏହି ଅବସରରେ ପ୍ରତିଭା ଓ ନିଷ୍ଠା ବଳରେ ଦେଶ ପାଇଁ ଗୌରବ ଆଣିଥିବା

ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ପ୍ରଶଂସା କରିଥିଲେ । ବୀରେନ୍ଦ୍ର କୁମାର ଖେଲୋଇଣ୍ଡିଆ ପାରା ଗେମ୍ସକୁ ଏକ ବିଶ୍ୱସ୍ତରୀୟ ପ୍ଲାଟ୍‌ଫର୍ମ ବୋଲି ବର୍ଣ୍ଣନା କରିଥିଲେ ।

## ଟ୍ରମ୍ପ୍-ଆର୍ଥ ମିନେରାଲ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି, ଖୁବ୍ ଶୀଘ୍ର ୟୁକ୍ରେନ୍ ସହ ଆମେରିକା ଖଣିଜ ଚୁକ୍ତି ସମ୍ପର୍କିତ ବୁଝାମଣାପତ୍ର ସ୍ୱାକ୍ଷର କରିବ । ଗତକାଲି ହ୍ୱାଇଟ୍‌ହାଉସ୍‌ରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଶ୍ରୀ ଟ୍ରମ୍ପ୍ କହିଥିଲେ, ଆମେରିକାରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଉତ୍ପାଦନ ବୃଦ୍ଧି ନିମନ୍ତେ ଏକ ଆଦେଶରେ ସେ ସ୍ୱାକ୍ଷର କରିଛନ୍ତି । ଅନ୍ୟ ପକ୍ଷରେ ରୁଷ-ୟୁକ୍ରେନ୍ ସଂଘର୍ଷରେ ଅସ୍ତ୍ରବିରତି ନେଇ ସେ ଆଶାବାଦି ଥିବା କହିଛନ୍ତି । ଶାନ୍ତି ସ୍ଥାପନ ପାଇଁ ବିଭିନ୍ନ ଦେଶର ନେତାଙ୍କ ସହ ଆଲୋଚନା ଜାରି ରହିଥିବା ଶ୍ରୀ ଟ୍ରମ୍ପ୍ ସୂଚନା ଦେଇଛନ୍ତି ।

# ପୀୟୂଷ ଗୋୟଲ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ନୂଆଦିଲ୍ଲୀରେ ପେରୁର ବୈଦେଶିକ ବାଣିଜ୍ୟ ଓ ପର୍ଯ୍ୟଟନ ମନ୍ତ୍ରୀ ଉର୍ସୁଲା ଡେସିଲୁ ଲେନ୍ ଚେମ୍ପେନ୍‌ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଉଭୟ ଦେଶ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଦୁଇ ଦେଶ ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି ଆଲୋଚନାକୁ ତ୍ୱରାନ୍ୱିତ କରିବା ଉପରେ ଉଭୟ ଦେଶ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପାରସ୍ପରିକ ବାଣିଜ୍ୟ ପ୍ରାଥମିକତାକୁ ବିଚାରକୁ ନେଇ ଏକ ସନ୍ତୁଳିତ ବୁଝାମଣା ଉପରେ ଶ୍ରୀ ଗୋୟଲ୍ ଗୁରୁତ୍ୱାରୋପ କରିଛନ୍ତି ।

ଅନ୍ୟ ପକ୍ଷରେ ଚିଲିର ଆନ୍ତର୍ଜାତିକ ଅର୍ଥନୈତିକ ସମ୍ପର୍କ ବିଭାଗର ସଚିବ କ୍ଲାଉଡିଆ ସାନହୁଇଜାଙ୍କ ସହ ମଧ୍ୟ ମନ୍ତ୍ରୀ ଶ୍ରୀ ଗୋୟଲ୍ ବୈଠକ କରିଛନ୍ତି । ଭାରତ ଏବଂ ଚିଲି ମଧ୍ୟରେ ବାଣିଜ୍ୟ ତଥା ପୁଞ୍ଜିନିବେଶ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଲାଗି ଉଭୟ ଦେଶ ରାଜି ହୋଇଛନ୍ତି ।

## ଶ୍ରୀଲଙ୍କା ଇଲେକ୍‌ସନ୍

ଶ୍ରୀଲଙ୍କାର ନିର୍ବାଚନ ଆୟୋଗ କହିଛନ୍ତି, ବିଳମ୍ବିତ ହୋଇଥିବା ସ୍ଥାନୀୟ ସଂସ୍ଥା ନିର୍ବାଚନ  ଆସନ୍ତା ମେ ମାସ ୬ ତାରିଖରେ ଅନୁଷ୍ଠିତ ହେବ । ସେଠାକାର ବିଭିନ୍ନ ରାଜନୈତିକ ଦଳ ଏବଂ ସ୍ୱାଧୀନ ଗୋଷ୍ଠୀଙ୍କ ଠାରୁ ନାମାଙ୍କନପତ୍ର ପାଇବା ପରେ ନିର୍ବାଚନ ଆୟୋଗ ଏହି ଘୋଷଣା କରିଛନ୍ତି । ୨୦୨୩ ଜାନୁଆରୀରେ ୩୪୦ଟି ସ୍ଥାନୀୟ ସଂସ୍ଥା ପାଇଁ ନିର୍ବାଚନ ହେବାର ଥିଲା । କିନ୍ତୁ ୨୦୨୨ରେ ଆର୍ଥିକ ସଂକଟ ପରେ ପୂର୍ବତନ ରାଷ୍ଟ୍ରପତି ରାନିଲ ବିକ୍ରମ ସିଂଘେ ନିର୍ବାଚନ ପାଇଁ ପାଣ୍ଠିର ଅଭାବ ରହିଥିବା ଘୋଷଣା କରିଥିଲେ । ତେବେ ଏବେକାର ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକେ ନିର୍ବାଚନ କରିବା ନେଇ ଘୋଷଣା କରିଥିଲେ ।

## ଆଇଓସି

୨୦୨୮ ମସିହାରେ ଲସ୍‌ଆଞ୍ଜେଲେସ୍‌ରେ ହେବାକୁ ଥିବା ଅଲିମ୍ପିକ୍ସ ପ୍ରତିଯୋଗିତାରେ ବକ୍ସିଂ ସାମିଲ ହେବ । ଆନ୍ତର୍ଜାତିକ ଅଲିମ୍ପିକ୍ସ କମିଟି ସଦସ୍ୟ ରାଷ୍ଟ୍ରମାନେ ଏହା ସପକ୍ଷରେ ମତ ଦେଇଛନ୍ତି । ଗତକାଲି ଅନୁଷ୍ଠିତ ମତଦାନ ସମୟରେ ଅଲିମ୍ପିକ୍ସରେ ବକ୍ସିଂକୁ ଅନ୍ତର୍ଭୁକ୍ତ କରିବା ସମୟରେ

ସମସ୍ତେ ଭୋଟ୍ ଦେଇଥିଲେ । ୨୦୨୨ରେ ଅନୁଷ୍ଠିତ ବୈଠକରେ ବକ୍ସିଂକୁ ଅଲିମ୍ପିକ୍ସରେ ସାମିଲ କରାଯାଇନଥିଲା । ପରବର୍ତ୍ତି ସମୟରେ ରାଷ୍ଟ୍ରୀୟ ବକ୍ସିଂ ମହାସଂଘର ଉଦ୍ୟମ ଫଳରେ ନୂଆ ବକ୍ସିଂ ସଂଘରେ ୮୦ରୁ ଅଧିକ ଜାତୀୟ ମହାସଂଘ ସଦସ୍ୟ ରହିଛନ୍ତି ।

## ସିପକ୍ ଟାକ୍ରୋ

ବିହାରରେ ପ୍ରଥମଥର ପାଇଁ ସିପକ୍ ଟାକ୍ରୋ ୨୦୨୫ ବିଶ୍ୱକପ୍ ଆରମ୍ଭ ହୋଇଛି । ଗତକାଲି ସନ୍ଧ୍ୟାରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏହାକୁ ଉଦ୍‌ଘାଟନ କରିଥିଲେ ।  କାଙ୍କାରବାଗ ସ୍ଥିତ ପାଟଳିପୁତ୍ର କ୍ରୀଡ଼ାଙ୍ଗନରେ ଚାଲିଥିବା ଏହି ୬ ଦିନିଆ ପ୍ରତିଯୋଗିତାରେ ଭାରତ ସମେତ ୨୦ଟି ଦେଶ ଅଂଶଗ୍ରହଣ କରୁଛନ୍ତି । ଗତକାଲି ଅନୁଷ୍ଠିତ ପ୍ରଥମ ଲିଗ୍ ମ୍ୟାଚ୍‌ରେ ପୁରୁଷ ବର୍ଗରେ ଥାଇଲାଣ୍ଡ' ସିଙ୍ଗାପୁରକୁ ପରାସ୍ତ କରିଛି । ମହିଳା ବର୍ଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଭାରତ ବିଜୟୀ ହୋଇଛି । ଏହି ବିଶ୍ୱକପ୍‌ରେ ମୋଟ୍ ୧୫୦ଟି ମ୍ୟାଚ୍ ଖେଳାଯିବ ବୋଲି ଜଣାପଡ଼ିଛି ।